# ଆଜି ଅନୁଗୋଳରୁ ୧୬ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୩୦୨ ରେ ।

ଅନୁଗୋଳ,୨୯.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ୧୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୧୬ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ ଅଂଚଳରୁ ସର୍ବାଧିକ ୮ ଜଣ,ପାଲଲହଡା ବ୍ଲକ୍ ଅଂଚଳରୁ ୭ ଜଣ ଓ ଜଣେ ବଣ୍ଡଁରପାଳ ବ୍ଲକ୍ ଅଂଚଳର । ତାଳଚେର ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୮ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୭ ଜଣ ହେଉଛନ୍ତି ଗୋଟିଏ ଗ୍ରାମର । ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଯାହାଙ୍କ ବୟସ ୮୭, ୬୦ ଓ ୩୬ ବର୍ଷ ହୋଇଥିବାବେଳେ ୪ ଜଣ ପୁରୁଷଙ୍କ ବୟସ ଯଥାକ୍ରମେ ୬୫,୫୮,୪୨ ଓ ୪୨ ବର୍ଷ ଅଟେ । ଏମାନେ ସମସ୍ତେ ଏସ୍ ସି ବି ମେଡିକାଲ କଲେଜ କଟକରୁ ଫେରିଥିବା ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି । ଏହି ବ୍ଲକ୍ ଅଂଚଳର ୮ ନମ୍ବର ଆକ୍ରାନ୍ତ ଜଣଂକ ଜଣେ ମହିଳା ଯାହାଙ୍କ ବୟସ ୪୦ ବର୍ଷ ଓ ସେ ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ।

ପାଲଲହଡା ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୭ ଜଣଂକ ମଧ୍ୟରେ ୪ ଜଣ ପୁରୁଷ ଯାହାଂକ ବୟସ ୨୦,୩୫,୫୯ ଓ ୭୨ ବର୍ଷ ହୋଇଥିବାବେଳେ ୩ ଜଣ ମହିଳାଙ୍କର ବୟସ ଯଥାକ୍ରମେ ୨୬,୩୩ ଓ ୫୨ ବର୍ଷ ଅଟେ । ଏମାନଙ୍କ ମଧ୍ୟରୁ ୨୦ ବର୍ଷୀୟ ପୁରୁଷ ଜଣଂକ ତାମିଲନାଡୁର ଫେରି ପାଲଲହଡା ବ୍ଲକର ଏକ ଅସ୍ଥାୟୀ ମେଡିକାଲ ଶିବିରରେ ଥିଲେ । ୩୫ ବର୍ଷୀୟ ପୁରୁଷ ଆକ୍ରାନ୍ତ ଜଣଂକ ଜଣେ ସରକାରୀ କର୍ମଚାରୀ ଯିଏକି ବ୍ଲକ ଅଂଚଳର ଏକ ଅସ୍ଥାୟୀ ମେଡିକାଲ ଶିବିରର ଦାୟିତ୍ୱରେ ଥିଲେ । ଅନ୍ୟ ସମସ୍ତ ୫ ଜଣ ଆକ୍ରାନ୍ତ ଗୋଟିଏ ପରିବାରର ଯେଉଁମାନେ କି ତାଂକ ପରିବାରରେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ଜଣେ ସଦସ୍ୟଂକ ସଂସ୍ପର୍ଶରେ ଆସିଥିଲେ । ୧୬ ନମ୍ବର ଆକ୍ରାନ୍ତ ଜଣଂକ ବଣ୍ଡଁରପାଳ ବ୍ଲକ୍ ଅଂଚଳର ଜଣେ ୬୫ ବର୍ଷୀୟ ପୁରୁଷ ନିଜ ପରିବାରରେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ଜଣେ ସଦସ୍ୟଂକ ସଂସ୍ପର୍ଶରେ ଆସିଥିଲେ । ଏହି ୧୬ ଜଣ ଆକ୍ରାନ୍ତଙ୍କୁ ମିଶାଇ ସମୁଦାୟ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦୨ରେ ପହଂଚିଲା । ଆଜି ଏହି ୧୬ ଜଣ ଆକ୍ରାନ୍ତଙ୍କୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଇତିମଧ୍ୟରେ ୨୨ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ଯାଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୧୭୧ ସୁସ୍ଥଙ୍କୁ ମିଶାଇ ସମୁଦାୟ ସୁସ୍ଥଙ୍କ ସଂଖ୍ୟା ୧୯୩ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୯୩ ତା.୨୯.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୯/୭/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।